# ୨୦

# ଆଞ୍ଚଳିକତାବାଦ ଏବଂ ଆଞ୍ଚଳିକ ରାଜନୈତିକ ଦଳ

ଭାରତୀୟ ଦଳୀୟ ବ୍ୟବସ୍ଥାର ଅଭିନବ ବୈଶିଷ୍ଟ୍ୟ ହେଲା ବହୁ ସଂଖ୍ୟକ ଆଞ୍ଚଳିକ ଦଳର ଉପସ୍ଥିତି । ଗୋଟିଏ କିମ୍ବା ଅଳ୍ପ କିଛି ରାଜ୍ୟରେ ସିମୀତ ଭାବରେ ସିମିତ ଅଞ୍ଚଳରେ ରାଜନୈତିକ କାର୍ଯ୍ୟକ୍ରମ ଜାରି ରଖିଥିବା ରାଜନୈତିକ ଦଳକୁ ସାଧାରଣତଃ ଆଞ୍ଚଳିକ ରାଜନୈତିକ ଦଳ କୁହାଯାଏ । ଆଉମଧ ବହୁଧା ବିକ୍ଷିପ୍ତ ସ୍ୱାର୍ଥର ପ୍ରତିନିଧିତ୍ୱ କରୁଥିବା ଜାତୀୟ ରାଜନୈତିକ ଦଳଗୁଡ଼ିକ ତୁଳନାରେ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ସ୍ୱାର୍ଥର ପ୍ରତିନିଧିତ୍ୱ କରିଥାନ୍ତି । ସଂକ୍ଷିପ୍ତ ଭାବରେ କହିବାକୁ ଗଲେ ଦୃଷ୍ଟିଭଙ୍ଗୀ ଏବଂ ସ୍ୱାର୍ଥ ଦୃଷ୍ଟିରୁ ଆଞ୍ଚଳିକ ଦଳଗୁଡ଼ିକ ଜାତୀୟ ରାଜନୈତିକ ଦଳଠାରୁ ଅଲଗା ଅଟନ୍ତି । ସେମାନଙ୍କ କାର୍ଯ୍ୟକ୍ରମଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ସୀମା ଭିତରେ ସୀମିତ ଏବଂ ସେହି ଅଞ୍ଚଳରେ ଥିବା ନିର୍ଦ୍ଦିଷ୍ଟ ସମସ୍ୟାକୁ ଭିତ୍ତିକରି ସେମାନେ ନିଜର କାର୍ଯ୍ୟକ୍ରମ ଜାରି ରଖନ୍ତି । ପ୍ରାଦେଶିକ କିମ୍ବା ସ୍ଥାନୀୟ ସ୍ତରରେ କ୍ଷମତା ଅକ୍ତିଆର କରିବା ଏମାନଙ୍କ ଲକ୍ଷ୍ୟ ଏବଂ ଏମାନେ କେବେ ଜାତୀୟ ସ୍ତରରେ ସରକାରଙ୍କ ନିୟନ୍ତ୍ରଣର ଆଶା ରଖନ୍ତି ନାହିଁ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଭାରତରେ ବର୍ତ୍ତମାନ ଜାତୀୟ ରାଜନୈତିକ ଦଳ ଅପେକ୍ଷା ଅନେକ ଆଞ୍ଚଳିକ ଦଳ ରାଜ୍ୟ ଶାସନର ଦାୟିତ୍ୱ ବହନ କରିଛନ୍ତି, ଉଦାହରଣ ସ୍ୱରୂପ ଆନ୍ଧ୍ରପ୍ରଦେଶ, ତାମିଲ୍‌ନାଡୁ, କର୍ଣ୍ଣାଟକ, ଆସାମ, ଜାମ୍ମୁ ଓ କାଶ୍ମୀର ଇତ୍ୟାଦି ।

## ଉଦ୍ଦେଶ୍ୟ

ଉକ୍ତ ବିଷୟଟିକୁ ଅଧ୍ୟୟନ କଲେ ଆମେ ଜାଣିପାରିବା –

- ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକର ଅଭିବୃଦ୍ଧିର କାରଣ;
- କେଉଁ କେଉଁ ଆଧାରରେ ଏସବୁ ଆଞ୍ଚଳିକ ଦଳଗୁଡ଼ିକ ଦିନକୁ ଦିନ ବୃଦ୍ଧି ପାଉଛନ୍ତି ;
- ଆ*ଳିକ ଦଳଗୁଡ଼ିକର ଭୂମିକା ସମ୍ପର୍କରେ ସଚେତନତା ବୃଦ୍ଧି ;
- ଜାତୀୟ ଏବଂ ଆଞ୍ଚଳିକ ରାଜନୈତିକ ଦଳ ମଧ୍ୟରେ ପାର୍ଥକ୍ୟ ।

## ୨୦.୧ ଆଞ୍ଚଳିକତାବାଦ କ'ଣ ?

ଆଞ୍ଚଳିକତାବାଦ ଦୁଇଟି ଅର୍ଥରେ ବ୍ୟବହୃତ ହୋଇଥାଏ । ନାକାରାତ୍ମକ ଅର୍ଥରେ ଦେଶ ବା ରାଷ୍ଟ୍ର ଠାରୁ ଅଞ୍ଚଳ ବା ପ୍ରଦେଶ ଅବା ରାଜ୍ୟ ପ୍ରତି ଅତ୍ୟଧିକ ଭଲ ପାଇବାକୁ ଆଞ୍ଚଳିକତା କୁହାଯାଏ । ପରନ୍ତୁ ସକାରାତ୍ମକ ଅର୍ଥରେ ଆଞ୍ଚଳିକତା କହିଲେ ନିଜ ଅଞ୍ଚଳପ୍ରତି ଅହେତୁକ ଭଲ ପାଇବା, ଏହାର ସଂସ୍କୃତି, ଭାଷା ଇତ୍ୟାଦି ପ୍ରତି ସମ୍ମାନ ଏବଂ ମୋଟାମୋଟି ଭାବରେ ଏକ ରାଜନୈତିକ ଦୃଷ୍ଟିଭଙ୍ଗୀ ସୃଷ୍ଟି କରିବା ଯେଉଁଥିରେ ଏସବୁ ପରିଲକ୍ଷିତ ହେଉଥିବ ଏବଂ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରୁଥିବ । ସକାରାତ୍ମକ ଆଞ୍ଚଳିକତାବାଦ ସ୍ୱାଗତ ଯୋଗ୍ୟ



Notes

କରଣ ଏହା ଲୋକମାନଙ୍କ ମଧ୍ୟରେ ଐକ୍ୟବଦ୍ଧତାର ଭ୍ରାତୃଭାବ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଏକ ପ୍ରକାର ଭାଷା ଧର୍ମ ଏବଂ ଐତିହାସିକ ପୃଷ୍ଠଭୂମି ଥିବା ମାନସିକତା ବୃଦ୍ଧିରେ ସହାୟକ ହୋଇଥାଏ । ଆଞ୍ଚଳିକତାର ନକାରାତ୍ମକ ଦିଗ ଦେଶର ଏକତା ଓ ଅଖଣ୍ଡତା ପ୍ରତି ବଡ଼ ବିପଦ ସୃଷ୍ଟି । ଭାରତରେ କିନ୍ତୁ ଆଞ୍ଚଳିକତାବାଦ ଶବ୍ଦଟି ନକାରାତ୍ମକ ଅର୍ଥରେ ଅଧିକ ବ୍ୟବହୃତ ।

ଶାସନକର୍ତ୍ତାଙ୍କ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ପ୍ରତି ନିରବଚ୍ଛିନ୍ନ ତଥା ବାରମ୍ବାର ଅବହେଳା ହେଉ ଅଥବା ପଛୁଆ ବର୍ଗଙ୍କ ରାଜନୈତିକ ସଚେତନତା ବୃଦ୍ଧି ହେଉ, ଆଞ୍ଚଳିକତା ସୃଷ୍ଟିର କାରଣ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ କିମ୍ବା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ ଉପରେ ନିଜର ରାଜନୈତିକ ପତିଆରା ବୃଦ୍ଧି ନିମନ୍ତେ ଅନେକ ସମୟରେ ରାଜନୈତିକ ନେତୃବୃନ୍ଦ ଆଞ୍ଚଳିକତାର ବିଜ ବପନ କରିଥାନ୍ତି ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୧.୧

**ଶୂନ୍ୟ ସ୍ଥାନ ପୂରଣ କର ।**

୧। ସକାରାତ୍ମକ ଅର୍ଥରେ ଆଞ୍ଚଳିକତାବାଦର ଅର୍ଥ ହେଲା ଲୋକମାନଙ୍କର ________ ଏବଂ ________ କୁ ଭଲ ପାଇବା ।

୨। ଆଞ୍ଚଳିକ ରାଜନୈତିକ ଦଳର ଅର୍ଥ ହେଲା ଯିଏ ଏକ ସୀମିତ ________ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମ ଜାରି ରଖିଥାଏ ।

୩। ଆମ ଭାରତରେ ________ ସଂଖ୍ୟକ ଆଞ୍ଚଳିକ ଦଳ ରହିଛନ୍ତି ।

## ୨୦.୨ ଆଞ୍ଚଳିକତାର ବିଭିନ୍ନ ରୂପ

ଭାରତରେ ଆଞ୍ଚଳିକତାବାଦର ବିଭିନ୍ନ ରୂପ ଗୁଡ଼ିକ ହେଲା —

**(କ) ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବୀ :** ରାଜ୍ୟଗୁଡ଼ିକ କେନ୍ଦ୍ର ସରକାରଙ୍କ ଠାରୁ ଅଧିକ ସ୍ୱାୟତତା ଦାବି ଆଞ୍ଚଳିକତା ସୃଷ୍ଟି କରିଥାଏ । ରାଜ୍ୟଗୁଡ଼ିକର ସମସ୍ୟା ଉପରେ କେନ୍ଦ୍ର ସରକାରଙ୍କ ଅତ୍ୟଧିକ ହସ୍ତକ୍ଷେପ ଆଞ୍ଚଳିକ ମନୋଭାବ ସୃଷ୍ଟିରେ ସହାୟକ ହୋଇଥାଏ । ଭାରତୀୟ ରାଷ୍ଟ୍ର ସଂଘରେ କେତେଗୁଡ଼ିଏ ପ୍ରଦେଶରେ ସ୍ୱତନ୍ତ୍ର ଅଞ୍ଚଳ ପାଇଁ ଅଧିକ ସ୍ୱାୟତତା ଦାବି ମଧ୍ୟ ଆଞ୍ଚଳିକତା ବୃଦ୍ଧିର ଅନ୍ୟତମ କାରଣ ।

**(ଖ) କେନ୍ଦ୍ରଠାରୁ ଅଲଗା ହୋଇଯିବା ଦାବୀ :** ଏହା ଆଞ୍ଚଳିକତାର ଏକ ଭୟଙ୍କର ରୂପ । କେନ୍ଦ୍ର ସରକାର ଠାରୁ ଅଲଗା ହୋଇ ସ୍ୱାଧୀନ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଦାବିରେ ଏହି ପ୍ରକାର ଆଞ୍ଚଳିକତା ସୃଷ୍ଟି ହୁଏ ।

ଅନ୍ୟ ଗୁଡ଼ିକ ମଧ୍ୟରେ ଆନ୍ତରାଜ୍ୟ ନଦୀଜଳ ବଣ୍ଟନ ବିବାଦ ହେଉ ଅବା ଗୋଟିଏ ରାଜ୍ୟରେ ସଂଖ୍ୟା ଗରିଷ୍ଠ ଭାଷାଭାଷୀମାନଙ୍କୁ ଅଧିକ ଗୁରୁତ୍ୱ ଦେଇ ସଂଖ୍ୟାଲଘୁ ଭାଷାଭାଷୀମାନଙ୍କ ସ୍ୱାର୍ଥକୁ ଉପେକ୍ଷା କରିବା ହେଉ ଅଥବା ଗୋଟିଏ ନିର୍ଦ୍ଦିଷ୍ଟ ରାଜ୍ୟର ଅଧିବାସୀମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଧିକ ସୁବିଧା ସୁଯୋଗ ଦେବା ହେଉ ଆଞ୍ଚଳିକତା ବୃଦ୍ଧିର ଅନ୍ୟତମ କାରଣ ଅଟେ । ଅପେକ୍ଷାକୃତ କମ୍ ଉନ୍ନତ ରାଜ୍ୟରୁ ଉନ୍ନତ ରାଜ୍ୟକୁ ନିଯୁକ୍ତି ପାଇଁ ସ୍ଥାନାନ୍ତର ମଧ୍ୟ ବେଳେବେଳେ ସେହି ରାଜ୍ୟର ଲୋକମାନଙ୍କ ମଧ୍ୟରେ ବିରୋଧୀ ଚିନ୍ତାଧରାକୁ ପ୍ରୋତ୍ସାହନ ଦେଇଥାଏ । ଯେମିତି ଆନ୍ଧ୍ରପ୍ରଦେଶ ତଥା କର୍ଣ୍ଣାଟକରେ ହେଉଛି ।

## ୨୦.୩ ଭାରତରେ ଆଞ୍ଚଳିକତାବାଦର ବିକାଶ

ଭାରତୀୟ ରାଜିନୈତିକ ବ୍ୟବସ୍ଥାରେ ଆଞ୍ଚଳିକତାବାଦ ଏକ ନୂଆ କଥା ନୁହେଁ । ସ୍ୱାଧୀନତା ପୂର୍ବବର୍ତ୍ତୀ ଅବସ୍ଥାରେ ଇଂରାଜୀ ସାମ୍ରାଜ୍ୟବାଦୀମାନେ ଇଚ୍ଛାକୃତ ଭାବେ ଭାରତୀୟ ମାନଙ୍କ ମଧ୍ୟରେ ଆଞ୍ଚଳିକତାର ଯେଉଁ ବିଷମଞ୍ଜି ବିଛାଇ ଛନ୍ତି ତା'ର ଫଳ ସ୍ୱରୂପ ଏହାର ବିଭିନ୍ନ ପ୍ରଦେଶରେ ରହୁଥିବା ଜନସାଧାରଣ ଜାତୀୟ ଅପେକ୍ଷା ଆଞ୍ଚଳିକ ଦୃଷ୍ଟିକୋଣ ପ୍ରତି ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି । କାରଣ ଜାତୀୟ ଆନ୍ଦୋଳନରେ ସମଗ୍ର ଭାରତରେ ସେହି ଅଞ୍ଚଳର ପ୍ରାଧାନ୍ୟ ଜାରି ରଖିବା ଲକ୍ଷ୍ୟରେ ସେମାନେ ଏହି ଭାବ ପୋଷଣ କରିଥାନ୍ତି । ସ୍ୱାଧୀନତା ପରେ ରାଜନୈତିକ ନେତୃତ୍ୱ 'ସମସ୍ତେ ଭାରତ ମାତାର ସନ୍ତାନ' ଚିନ୍ତାଧାରାରେ ସମସ୍ତଙ୍କୁ ଉଦ୍‌ବୁଧ କରାଇବାର ଯେତେ ଚେଷ୍ଟା କଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହାର ସୁଫଳ ମିଳିନାହିଁ । ସେଥିପାଇଁ ଭାରତ ସମ୍ବିଧାନର ପ୍ରଣେତାମାନେ ଆମ ସମ୍ବିଧାନରେ ଏକକ ନାଗରିକତ୍ୱ ସୃଷ୍ଟି କରିଛନ୍ତି । ଯିଏ ଯେଉଁ ଅଞ୍ଚଳର ହେଉନା କାହିଁକି ସମସ୍ତେ ଭାରତୀୟ ନାଗରିକ । ସେହି ଲକ୍ଷ୍ୟରେ ଭାରତରେ ଏକକ ବିଚାର ବ୍ୟବସ୍ଥା, ସର୍ବଭାରତୀୟ ସେବା ତଥା ଏକ ଦୃଢ଼ କେନ୍ଦ୍ର ସରକାର ପ୍ରତିଷ୍ଠାର ଲକ୍ଷ୍ୟ ରଖାଯାଇଛି । କିନ୍ତୁ ଭାରତର ବିଶାଳତା ଏବଂ ଏହାର ବହୁ ସଂସ୍କୃତି ତଥା ବହୁ ଭାଷା ଆ*ଳିକତା ସୃଷ୍ଟି କରିବାରେ ବାରମ୍ବାର ସହାୟକ ହୋଇଛି ।


ଏହାର ପ୍ରଥମ ସ୍ୱରୂପ ହେଲା ଭାଷାକୁ ଭିତ୍ତିକରି ରାଜ୍ୟ ପୁନର୍ଗଠନ ଦାବୀ । ୧୯୬୦ ଦଶକରେ କଂଗ୍ରେସ ବିରୁଦ୍ଧରେ DMK ଦଳର ବିଜୟ ଏହାର ନଗ୍ନ ଉଦାହରଣ ଅଟେ । ପ୍ରଥମେ ପ୍ରଥମେ କେନ୍ଦ୍ରୀୟ ନେତୃତ୍ୱ ଏହାକୁ ଏକ ସ୍ଥାନୀୟ ସମସ୍ୟା ଏବଂ ଏହା କେବଳ ତାମିଲନାଡୁରେ ସୀମିତ ବୋଲି ବିବେଚନା କରୁଥିଲେ ମଧ୍ୟ ଏହା ଜାତୀୟ ଏକତା ଓ ଅଖଣ୍ଡତା ପ୍ରତି ବିପଦ ବୋଲି ଗଣନା କରୁନଥିଲେ । କିନ୍ତୁ ଏହି ଚିନ୍ତାଧାରା ଭୁଲ ପ୍ରମାଣିତ ହୋଇଛି । ଧୀରେ ଧୀରେ ପଞ୍ଜାବରେ ଅକାଳୀ ଆନ୍ଦୋଳନ ଦାନା ବାନ୍ଧିଲା । ଏବଂ ଜାମ୍ମୁ ଓ କାଶ୍ମୀରରେ ସେକ୍ ଅବ୍‌ଦୁଲ୍ଲାଙ୍କ 'ଜାତୀୟ ସମ୍ମିଳନୀ' ମୁଣ୍ଡ ଟେକିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ସମସ୍ତ ରାଜନୈତିକ ଦଳ ଆ*ଳିକ ଶକ୍ତି ଗୁଡ଼ିକ ସହ ବୁଝାମଣା କରିବାକୁ ଚେଷ୍ଟା କରି ସେହି ସମସ୍ତ ଶକ୍ତିଙ୍କୁ ନିଜ ସଂଗଠନରେ ସାମିଲ କରାଇ ନେବାର ଚିନ୍ତା କରୁଥିଲେ ଏବଂ ଆଞ୍ଚଳିକ ସ୍ତରରେ ରାଜନୈତିକ ଦଳ ସୃଷ୍ଟିକୁ ପ୍ରକାରାନ୍ତରେ ସମର୍ଥନ କରି ସେମାନଙ୍କୁ ଜାତୀୟ ସ୍ତରରେ ନିଜ ନିଜ ଦଳରେ ସାମିଲ କରାଇ ଜାତୀୟ ଏକତା ବୃଦ୍ଧିର ପରିକଳ୍ପନା କରୁଥିଲେ ।

ଭାରତୀୟ ଜାତୀୟ କଂଗ୍ରେସ ୧୯୪୭ ରୁ ୧୯୬୭ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୦ ବର୍ଷ ଧରି କେନ୍ଦ୍ରୀୟ କ୍ଷମତା ଏକ ଚାଟିଆ ଭାବେ ଉପଭୋଗ କରିଥିଲେ ମଧ୍ୟ ସ୍ୱଭାବିକ ନରମ ଗରମ ମିଜାଜରେ ନିଜ ସ୍ୱାର୍ଥପାଇଁ ଆଞ୍ଚଳିକ ଦଳଗୁଡ଼ିକ ଯେତେବେଳେ କଂଗ୍ରେସ ପାଇଁ ଆହ୍ୱାନ ସୃଷ୍ଟି କଲେ କ୍ଷମତାରେ ରହିବା ପାଇଁ ଏହା ମଧ୍ୟ ପ୍ରକାରାନ୍ତରେ ସେମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରି ନିଜ ଆଶା ପୂରଣ କରିବାକୁ ଚେଷ୍ଟା କରିଥିଲା । ସ୍ଥାନୀୟ କଂଗ୍ରେସ ନେତୃତ୍ୱ ମଧ୍ୟ ଆଞ୍ଚଳିକ ଶକ୍ତିଗୁଡ଼ିକୁ ପ୍ରକାରାନ୍ତରେ ପ୍ରୋତ୍ସାହନ ପ୍ରଦାନ କରି ନିଜ ନିଜର ଦକ୍ଷତା ବୃଦ୍ଧି ପାଇଁ ଉଦ୍ୟମ କରୁଥିଲେ ଏବଂ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ସହ ମୂଳଚାଲ ରାଜନୀତି କରି ନିଜ ସ୍ୱାର୍ଥ ହାସଲ କରୁଥିଲେ । ତେଣୁ ପ୍ରକୃତରେ ସେତେବେଳେ କେନ୍ଦ୍ରୀୟ ଏବଂ ଆଞ୍ଚଳିକ ନେତୃତ୍ୱ ମଧ୍ୟରେ ଏକ ଭିତିରି ଘନିଷ୍ଠ ସମ୍ପର୍କ ବୃଦ୍ଧି ପାଇଥିଲା ଯାହା ଆଞ୍ଚଳିକତା ବୃଦ୍ଧିପାଇଁ ଖୋରାକ ଯୋଗାଇଛି ।

### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୦.୧

୧। କେନ୍ଦ୍ରଠାରୁ ଅତ୍ୟଧିକ ସ୍ୱାୟତତା ଦାବୀ ଅନେକ ସମୟରେ ଆଞ୍ଚଳିକତା ଅଭିବୃଦ୍ଧିର କାରଣ ହୋଇଥାଏ । (ସତ୍ୟ / ମିଥ୍ୟା)

୨। ନଦୀଜଳ ବଣ୍ଟନ ସଂକ୍ରାନ୍ତୀୟ ବିବାଦ, ନିଜର ପ୍ରାଧାନ୍ୟ ବୃଦ୍ଧି, ସଂଖ୍ୟାଗରିଷ୍ଠ ଭାଷାଭାଷୀଙ୍କ ପ୍ରାଧାନ୍ୟ ମଧ୍ୟ ଆଞ୍ଚଳିକତା ଅଭିବୃଦ୍ଧିର ଅନ୍ୟତମ କାରଣ ଅଟେ । (ସତ୍ୟ / ମିଥ୍ୟା)



Notes

## ୨୦.୪ ଆଞ୍ଚଳିକତା ଅଭିବୃଦ୍ଧିର କାରଣ

ଭାରତରେ ଆଞ୍ଚଳିକତା ଅଭିବୃଦ୍ଧିର ଅନେକ କାରଣ ରହିଛି । ସେଗୁଡ଼ିକ ହେଲା—

୧। କେନ୍ଦ୍ରସରକାର ଏକ ନିର୍ଦ୍ଦିଷ୍ଟ ଚିନ୍ତାଧାରା ବା ଆଦର୍ଶ, ଭାଷା ତଥା ସଂସ୍କୃତିକୁ ସମସ୍ତ ଜନସାଧାରଣଙ୍କ ଉପରେ ଜବରଦସ୍ତ ଲଦି ଦେବାର ପ୍ରୟାସର ପ୍ରତିକ୍ରିୟା ସ୍ୱରୂପ ଆଞ୍ଚଳିକତା ବୃଦ୍ଧି ପାଉଛି । ଦାକ୍ଷିଣାତ୍ୟ ରାଜ୍ୟ ସମୂହ ହିନ୍ଦୀକୁ ଘୋର ବିରୋଧ କରିବାର କାରଣ ସେମାନଙ୍କ ଆଶଙ୍କା ଏହାଦ୍ୱାରା ଉତ୍ତର ଭାରତର ପ୍ରଭାବ ତାଙ୍କ ଭାଷା ଉପରେ ପଡ଼ି ସେମାନଙ୍କ ପ୍ରାଧାନ୍ୟକ୍ଷୁର୍ଣ୍ଣ ହେବ । ସେହିପରି ଆସାମରେ ବିଦେଶୀ ବିରୋଧୀ ଆନ୍ଦୋଳନ ସେମାନଙ୍କ ନିଜ ସଂସ୍କୃତିର ସୁରକ୍ଷା ପାଇଁ ସୃଷ୍ଟି ହୋଇଛି ।

୨। କେନ୍ଦ୍ରରେ କ୍ଷମତାସୀନ ରାଜନୈତିକ ଦଳର ନିରବଚ୍ଛିନ୍ନ ଅବହେଳା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ରାଜନୈତିକ ଏବଂ ପ୍ରଶାସନିକ କ୍ଷମତା କେନ୍ଦ୍ରୀଭୂତ ନୀତିକୁ ବିରୋଧ କରି କ୍ଷମତା ବିକେନ୍ଦ୍ରୀକରଣ ଜରିଆରେ ଏକଭାଷାଭାଷୀ ରାଜ୍ୟରୁ ଅଲଗା ହୋଇ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି କରନ୍ତି । ବେଳେ ବେଳେ 'ଭୂମୀପୁତ୍ର ତତ୍ତ୍ୱ' ମଧ ଅବହେଳିତ ବର୍ଗଙ୍କ ସ୍ୱାର୍ଥରକ୍ଷା ତଥା ସେହି ରାଜ୍ୟର ସ୍ୱାର୍ଥ ରକ୍ଷା ପାଇଁ ଆଞ୍ଚଳିକତା ସୃଷ୍ଟି କରିଥାଏ ।

୩। ଭାରତୀୟ ରାଷ୍ଟ୍ର ସଂଘରେ ବିଭିନ୍ନ ରାଜ୍ୟଗୁଡ଼ିକ ନିଜ ନିଜର ଉପ-ସଂସ୍କୃତିର ସୁରକ୍ଷାପାଇଁ ଏବଂ ଅତିମାତ୍ରାରେ ସ୍ୱୟଂ ଶାସନ ଦାବି ମଧ ଆଞ୍ଚଳିକତା ଅଭିବୃଦ୍ଧିର ଅନ୍ୟତମ କାରଣ ହୋଇଥାଏ, ଏବଂ ସେମାନେ ଅତ୍ୟଧିକ ସ୍ୱାୟତତା ଦାବି କରିଥାନ୍ତି ।

୪। ସ୍ଥାନୀୟ 'ଏଲିଟି'ଙ୍କ କ୍ଷମତା ଅଧିଗ୍ରହଣ ରୂପକ ଲାଳସା ମଧ ଆଞ୍ଚଳିକତା ସୃଷ୍ଟି କରିଥାଏ । DMK. AIADMK, ଅକାଳୀ ଦଳ, ତେଲୁଗୁ ଦେଶମ୍ ପାର୍ଟି, ଆସାମ ଗଣ ପରିଷଦ ଭଳି ରାଜିନୈତିକ ଦଳ / ଆଞ୍ଚଳିକ ଦଳଗୁଡ଼ିକର କ୍ଷମତା ଲାଳସା ମଧ ଏଥିପାଇଁ ଦାୟୀ ।

୫। ସାମ୍ପ୍ରତିକ ଆଧୁନିକି କରଣ ଏବଂ ସାମୂହିକ ଅଂଶଗ୍ରହଣ ପ୍ରକ୍ରିୟା ମଧରେ ସମନ୍ୱୟ କେତେକାଂଶରେ ଆ*ଳିକତା ବୃଦ୍ଧିର କାରଣ ହୋଇଥାଏ । ଏପର୍ଯ୍ୟନ୍ତ ଭାରତ ଏକ ଜାତୀୟ ରାଷ୍ଟ୍ରର ମର୍ଯ୍ୟାଦା ପାଇବାରେ ପଛୁଆ ହୋଇ ରହିଥିବାରୁ ଅନେକ ସ୍ୱାର୍ଥଗୋଷ୍ଠୀ ସେମାନଙ୍କ ଗୋଷ୍ଠୀସ୍ୱାର୍ଥକୁ ଜାତୀୟସ୍ୱାର୍ଥଠାରୁ ଅଧିକ ଗୁରୁତ୍ୱ ଦେଉଥିବା କାରଣରୁ ଆଞ୍ଚଳିକତା ବୃଦ୍ଧି ପାଇଥାଏ ।

୬। ଅନୁନ୍ନତ ତଥା ଅବହେଳିତ ଅଞ୍ଚଳର ଲୋକମାନଙ୍କ କ୍ରମ ସଚେତନତା ବୃଦ୍ଧି ତଥା ସେମାନଙ୍କର ସ୍ୱାର୍ଥକୁ ଅଣଦେଖା କରାଯାଉଥିବା ଚିନ୍ତାଧାରା ମଧ ଆଞ୍ଚଳକତା ସୃଷ୍ଟି କରିଥାଏ । ସ୍ଥାନୀୟ ରାଜିନୈତିକ ନେତୃବୃନ୍ଦ ଏହାର ପୂରା ଫାଇଦା ନେଇ କେନ୍ଦ୍ର ସରକାର ସେମାନଙ୍କୁନିରବଚ୍ଛିନ୍ନ ଅବହେଳା କରୁଥିବା ଆଳ ଦେଖାଇ ସେମାନଙ୍କ ସାମାଜିକ ଅର୍ଥନୈତିକ ବିକାଶରେ ଅବହେଳା ତଥା ଆଞ୍ଚଳିକ ସନ୍ତୁଳନ ରକ୍ଷାରେ ଅବହେଳା ଆଦି କାରଣ ଦେଖାଇ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଆଞ୍ଚଳିକତା ଭାବ ବୃଦ୍ଧି କରିଥାନ୍ତି ।

## ୨୦.୫ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକର ଭୂମିକା

ସୀମିତ ଲକ୍ଷ୍ୟ ତଥା ନିର୍ଦ୍ଦିଷ୍ଟ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମ ଜାରି ରଖିଥିଲେ ମଧ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ ଉଭୟ ରାଜ୍ୟ ଏବଂ ଜାତୀୟ ରାଜନୀତିରେ ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ ଆଜିକାଲି ଅନେକ ରାଜ୍ୟରେ ସରକାର ଗଠନ କରି ସେମାନଙ୍କ ନୀତି ଓ କାର୍ଯ୍ୟକ୍ରମ ଗୁଡ଼ିକ ସଠିକ୍ ମାର୍ଗରେ ପରିଚାଳିତ କରି ପାରୁଛନ୍ତି । ରାଜ୍ୟସ୍ତରୀୟ କେତେକ ମୂଖ୍ୟ ଆଞ୍ଚଳିକ ଦଳଗୁଡ଼ିକ ମଧରେ 'DMK' ଏବଂ 'AIDMK' ତାମିଲନାଡୁରେ, 'ଜାତୀୟ

Notes

ସମ୍ମିଳନୀ' ଜାମ୍ମୁ ଓ କାଶ୍ମୀରରେ, 'ତେଲଗୁ ଦେଶମ୍' ଦଳ ଆନ୍ଧ୍ର ପ୍ରଦେଶରେ, 'ଆସାମ ଗଣ ପରିଷଦ' ଆସାମରେ, 'ମହାରାଷ୍ଟ୍ରବାଦୀ ଗୋମନ୍ତକ ପାର୍ଟି' ଗୋଆରେ, 'ମିଜୋ ଜାତୀୟ ସାମ୍ମୁଖ୍ୟ' ମିଜୋରାମ୍‌ରେ, 'ସିକିମ୍ ସଂଗ୍ରାମ ପରିଷଦ' ସିକିମ୍‌ରେ, 'ସର୍ବଦଳୀୟ ପାର୍ବତ୍ୟ ନେତୃତ୍ୱ ସମ୍ମୀଳନୀ' ମିଜୋରାମରେ ଏବଂ 'ଭାରତୀୟ ଲୋକ ଦଳ' (INLI), ହରିଆନାରେ ଏହାର ଉଦାହରଣ ଅଟନ୍ତି । ଅନେକ ଆଞ୍ଚଳିକ ଦଳ ମଧ୍ୟ ରାଜ୍ୟ ସ୍ତରରେ କ୍ଷମତାରେ ଅଂଶୀଦାର ହୋଇ ମିଳିତ ସରକାରରେ ସାମିଲ ହୋଇଛନ୍ତି । ଏସବୁ ୧୯୬୭ ମସିହା ଚତୁର୍ଥ ସାଧାରଣ ନିର୍ବାଚନ ପରେ ଧିରେ ଧିରେ ଆରମ୍ଭ ହୋଇଛି । ବିଳମ୍ବରେ ହେଲେ ମଧ୍ୟ ଆଞ୍ଚଳିକ ଦଳମାନେ ବିଭିନ୍ନ ଜଟିଳ ପରିସ୍ଥିତିରେ କଂଗ୍ରେସ ନେତୃତ୍ୱାଧୀନ ମିଳିତ ସରକାର ଗଠନରେ ଜଟିଳ ତଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକରିଛନ୍ତି । ୧୯୬୯ରେ ଗୋଟିଏ ଆଞ୍ଚଳିକ ଦଳ ଭାବରେ DMK ଦଳ କଂଗ୍ରେସ ଦଳ ବିଭାଜନ ପରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ସଂଖ୍ୟାଗରିଷ୍ଠତା ହରାଇଥିଲେ ମଧ୍ୟ ସରକାର ଚଳାଇବାକୁ ସଯୋଗ ଦେଇଥିଲା । ସେହିପରି ପ୍ରଥମେ ଜାତୀୟ ସାମ୍ମୁଖ୍ୟ ପରେ ପରେ ଜାତୀୟ ଗଣତାନ୍ତ୍ରିକ ସାମୁଖ୍ୟ ସରକାର ଗଠନରେ ତେଲଗୁ ଦେଶମ୍ ପାର୍ଟି ଯଥେଷ୍ଟ ବଳ ଯୋଗାଇଥିଲା । ଆଞ୍ଚଳିକ ଦଳକୁ ପ୍ରତିନିଧିତ୍ୱ କରୁଥିବା ନେତୃବୃନ୍ଦ କେନ୍ଦ୍ରୀୟ ସରକାରଙ୍କ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ପ୍ରଭାବିତ କରି ନିଜର ତଥା ନିଜ ନିଜ ପ୍ରଦେଶର ସ୍ୱାର୍ଥକୁ ପୂରଣ କରିବାରେ ସମର୍ଥ ହୋଇପାରୁଛନ୍ତି ।

କିନ୍ତୁ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ ରାଜ୍ୟର କୋଣ ଅନୁକୋଣରେ ଥିବା ଅଗଣିତ ଜନତାଙ୍କର ବିଭିନ୍ନ ରାଜନୈତିକ ଏବଂ ଅର୍ଥନୈତିକ ସମସ୍ୟାଗୁଡ଼ିକୁ ଲୋକଲୋଚନକୁ ଆଣି ସେମାନଙ୍କର ରାଜନୈତିକ ସଚେତନତା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଜାତୀୟ ରାଜନୈତିକ ଦଳଗୁଡ଼ିକ ଆଂଚଳିକ ସମସ୍ୟାଗୁଡ଼ିକୁ ଅଣଦେଖା ନକରିବାକୁ ପ୍ରବର୍ତ୍ତାଇ ଥାନ୍ତି ଏବଂ ଯଦି କରନ୍ତି ତେବେ ଉପରୋକ୍ତ ବିଷୟଗୁଡ଼ିକୁ ସମାଧାନ କରିବା ପାଇଁ ବାଧ୍ୟ କରନ୍ତି ।

ସଂକ୍ଷେପରେ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ ଆଂଚଳିକ ରାଜନୀତିକୁ ଅନେକାଂଶରେ ପ୍ରଭାବିତ କରନ୍ତି ଏବଂ ଜାତୀୟ ରାଜନୀତିରେ ସେମାନଙ୍କର ପ୍ରଭୁତ ଗୁରୁତ୍ୱ ରହିଥାଏ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୦.୩

**ଶୂନ୍ୟସ୍ଥାନ ପୂରଣ କର ।**

୧। ଭାରତୀୟ ରାଜନୈତିକ ବ୍ୟବସ୍ଥାରେ ________ ଏକ ନୂତନ ଚିନ୍ତାଧାରା ନୁହେଁ ।

୨। ଭାରତୀୟ ଜାତୀୟ କଂଗ୍ରେସ ________ ସମୟରେ କ୍ଷମତାର ଏକଚାଟିଆ ଅଧିକାରୀ ଥିଲା ।

୩। ________ ଏବଂ ________ ମଧ୍ୟରେ ଥିବା ନେତୃତ୍ୱର ନିବିଡ଼ ସମ୍ପର୍କ ଆଞ୍ଚଳିକତା ଅଭିବୃଦ୍ଧିର କାରଣ ଅଟେ ।

୪। ଏକ ନିର୍ଦ୍ଧିଷ୍ଟ ଅଞ୍ଚଳ ପ୍ରତି ବାରମ୍ବାର ଅବହେଳା ସରକାରୀ ଦଳଦ୍ୱାରା ଆଞ୍ଚଳିକତା ________ କାରଣ ଅଟେ ।

## ୨୦.୬ ଆଞ୍ଚଳିକ ଅସନ୍ତୁଳନ ଦୂର କରିବା ପାଇଁ ପଦକ୍ଷେପ

ଭାରତୀୟ ରାଜନୈତିକ ବ୍ୟବସ୍ଥାରେ ଆଂଚଳିକତା ଏକ ଗୁରୁତ୍ୱପୂର୍ଣ୍ଣ ବିଭବ । ବେଳେ ବେଳେ ଏହା ଜାତୀୟ ଏକତା ପ୍ରତି ବଡ଼ ଆହ୍ୱାନ ସୃଷ୍ଟି କରିଥାଏ । ତେଣୁ ଏହି ଆହ୍ୱାନକୁ ମୁକାବିଲା କରିବା ପାଇଁ ନିମ୍ନ ଲିଖିତ ପଦକ୍ଷେପ ବା ସତର୍କତା ଗ୍ରହଣ କରିବାକୁ ପଡ଼ିବ ।

(କ) ଜାତୀୟ ମହାସ୍ରୋତରେ ସାମିଲ ହେବାପାଇଁ ଅପେକ୍ଷାକୃତ ଅବହେଳିତ ତଥା ଅଣ ବିକଶିତ ଅଂଚଳଗୁଡ଼ିକର ବିକାଶ ଦିଗରେ ସରକାର କାର୍ଯ୍ୟ କରିବା ।

(ଖ) ଜାତୀୟ ସ୍ୱାର୍ଥ ଛଡ଼ା ଅନ୍ୟ କୌଣସି ମାମଲାରେ ରାଜ୍ୟର ସମସ୍ୟାଗୁଡ଼ିକ ସମ୍ପର୍କରେ କେନ୍ଦ୍ର ସରକାର ହସ୍ତକ୍ଷେପ ନକରିବା ।

(ଗ) ଜନସାଧାରଣଙ୍କ ସମସ୍ୟାଗୁଡ଼ିକ ଶାନ୍ତିପୂର୍ଣ୍ଣ ଏବଂ ସାମ୍ବିଧାନିକ ଉପାୟରେ ସମାଧାନ କରିବା । ରାଜନୈତିକ ନେତୃବୃନ୍ଦ ଆଂଚଳିକ ଦାବି ଗୁଡ଼ିକୁ ନେଇ ରାଜନୀତି ନକରିବା ।

(ଘ) ଜାତୀୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଛଡ଼ା ଅନ୍ୟ ସବୁ କ୍ଷେତ୍ରରେ ରାଜ୍ୟମାନଙ୍କୁ ସେମାନଙ୍କର ସମସ୍ୟାର ସମାଧାନ ପାଇଁ ସୁଯୋଗ ଦେବା ।

(ଙ) କେନ୍ଦ୍ର-ରାଜ୍ୟ ସମ୍ପର୍କ କ୍ଷେତ୍ରରେ ରାଜ୍ୟଗୁଡ଼ିକ ପ୍ରତି କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଜାତୀୟ ଶିକ୍ଷା ପ୍ରଦାନ ଆଦି ପଦକ୍ଷେପ ଆଞ୍ଚଳିକତାକୁ ଦୂରକରି ଜାତୀୟତା ପ୍ରତି ଜନସାଧାରଣଙ୍କୁ ଆକୃଷ୍ଟ କରିପାରିବ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୦.୪

୧। ଏକ ସୀମିତ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମ ଜାରି ରଖିଥିବା ରାଜନୈତିକ ଦଳକୁ ________ କୁହାଯାଏ ।

(କ) ରାଜନୈତିକ ଦଳ

(ଖ) ଜାତୀୟ ଦଳ

(ଗ) ଆଞ୍ଚଳିକ ଦଳ

(ଘ) ସବୁଗୁଡ଼ିକ

୨। ଆଂଚଳିକ ଦଳ ଅଭିବୃଦ୍ଧି ପାଇଁ ଆବଶ୍ୟକ ଉପାଦାନଗୁଡ଼ିକ ହେଲା —

(କ) ସାମାଜିକ

(ଖ) ବଂଶଗତ

(ଗ) ସାଂସ୍କୃତିକ ତଥା ଭୌଗୋଳିକ

(ଘ) ସବୁଗୁଡ଼ିକ

## ତୁମେ କ'ଣ ଶିକ୍ଷା କଲ

ଆଞ୍ଚଳିକତାର ଅର୍ଥ ହେଲା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ବା ରାଜ୍ୟକୁ ଅତ୍ୟଧିକ ଭଲ ପାଇବା ଏବଂ ରାଷ୍ଟ୍ରକୁ ଅବଜ୍ଞା କରିବା । ଏହାର କାରଣ ହେଲା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ବାରମ୍ବାର ଅବହେଳା କରିବା କିମ୍ବା ସେହି ଅଞ୍ଚଳର ଅଧିବାସୀମାନଙ୍କ ରାଜନୈତିକ ସଚେତନତା ବୃଦ୍ଧି ଫଳରେ ସେମାନଙ୍କ ପ୍ରତି ହେଉଥିବା ଅନ୍ୟାୟର ପ୍ରତିରୋଧ କରିବା । ଆଞ୍ଚଳିକତା ଏକ ବିରାଟ ସମସ୍ୟା କାରଣ ଏହା ଦେଶର ଜାତୀୟ ଏକତା ଓ ଅଖଣ୍ଡତା ପ୍ରତି ବଡ଼ ଆହ୍ୱାନ ଅଟେ ।

Notes

ଆଂଳିକତାର ଦୁଇଟି ଉଗ୍ର ରୂପ ହେଲା —

(କ) ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ବିଦ୍ରୋହ । ଯଥା – ତେଲେଙ୍ଗାନା ରାଜ୍ୟଦାବୀ, ଆସାମରେ ବୋଡ଼ୋ ଲ୍ୟାଣ୍ଡ୍ ଦାବି । ପଶ୍ଚିମ ବଙ୍ଗରେ ଗୁର୍ଖାଲ୍ୟାଣ୍ଡ୍ ଦାବି ଇତ୍ୟାଦି ।

(ଖ) କେନ୍ଦ୍ରରୁ ଅଲଗା ହୋଇ ସ୍ୱତନ୍ତ୍ର ରାଷ୍ଟ୍ର ସୃଷ୍ଟି ଆଦି ଉଦାହରଣ ଖଲିସ୍ତାନ ଦାବି, ନାଗାଲାଣ୍ଡ ଦାବି ଇତ୍ୟାଦି ।

## ପାଠ୍ୟାନ୍ତ ଅଭ୍ୟାସ

୧। ଆଂଚଳିକତାର ଅର୍ଥ କ'ଣ ବୁଝାଅ ? ଏହା କାହିଁକି ବିପଦପୂର୍ଣ୍ଣ ଅଟେ ବର୍ଣ୍ଣନା କର ?

୨। ଆଂଚଳିକତାର ବିଭିନ୍ନ ରୂପଗୁଡ଼ିକ ବର୍ଣ୍ଣନା କର ।

୩। ଆଚଳିକ ରାଜନୈତିକ ଦଳଗୁଡ଼ିକର ଭୂମିକା ବର୍ଣ୍ଣନା କର ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀର ଉତ୍ତର

**୨୦.୧.**

(୧) ଅଞ୍ଚଳ, ସଂସ୍କୃତି, ଭାଷା ।

(୨) ଭୌଗୋଳିକ

(୩) ବୃହତ୍ତର

**୨୦.୨**

(୧) ସତ୍ୟ

(୨) ସତ୍ୟ

**୨୦.୩** (୧) ଆଞ୍ଚଳିକତାବାଦ

(୨) ୧୯୪୭-୧୯୬୭

(୩) କେନ୍ଦ୍ରୀୟ - ଆଞ୍ଚଳିକ

(୪) କାରଣ

**୨୦.୪**

(୧) 'ଗ'

(୨) 'ଘ'

### ପାଠ୍ୟାନ୍ତ ଅଭ୍ୟାସ ପାଇଁ ସୂଚନା ।

୧। ୨୦.୧ ପଢ଼

୨। ୨୦.୨ ପଢ଼

୩. ୨୦.୫ ପଢ଼